**ଅରୁଣାଞ୍ଚଳ ସମିତିସଭ୍ୟ ନିର୍ବାଚିତ**

ଜଗନ୍ନାଥପ୍ରସାଦ, (ଡି.ଏନ.ଏ.): ଜଗନ୍ନାଥପ୍ରସାଦ ବ୍ଲକ ଅଳସୁ ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନର ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିପାଇଁ ୩ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ। ଗତ ୧୧ ତାରିଖରେ ଅନୁଷ୍ଠିତ ହୋଇଥିବା ଉପନିର୍ବାଚନ ପାଇଁ ୧୬ ୱାର୍ଡର ୪୪୩୭ଜଣ ଭୋଟ ଦେଇଥିଲେ। ସେଥିମଧ୍ୟରୁ ଅରୁଣାଞ୍ଚଳ ନାୟକ ୧୫୬୨ ଭୋଟ୍ ପାଇ ବିଜୟୀ ହୋଇଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ଶ୍ରମିକ ମହାସଂଘ ବାର୍ଷିକୋତ୍ସବ। ସ୍ଥାନ- ଶହୀଦ୍ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍, ସମୟ-ପୂର୍ବାହ୍ନ ୧୧ ଟା।

## ସଂକ୍ଷେପରେ

### ୱାରେଣ୍ଟ ବଳରେ ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୨।୨:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ଜଣେ ଦୁର୍ଦ୍ଦାନ୍ତ ଡକାୟତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ନରେନ୍ଦ୍ରପୁରର ଭାଲୁ ଓରଫ ବିପିନି ନାୟକ (୨୮)। ୨୦୧୨ରୁ ଦୁଇଟି ପୃଥକ୍ ଡକାୟତି ଘଟଣାରେ ଫେରାର ଥିବା ଭାଲୁଙ୍କୁ ପୋଲିସ ଶୁକ୍ରବାର ଗଜପତି ନଗରରୁ ଗିରଫ କରିଛି। ଏସ୍‌ଟି ନଂ.୩୭/୧୨ ଓ ଏସ୍‌ଟି ନଂ.୩୮/୧୨ ରେ ପୋଲିସ ଅଭିଯୁକ୍ତ ଭାଲୁଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି। ସୂଚନାନୁଯାୟୀ, ୨୦୧୨ରେ ଭାଲୁ ପୃଥକ୍ ଭାବେ ଦୁଇଟି ଡକାୟତି ମାମଲାରେ ସମ୍ପୃକ୍ତ ଥିଲେ। ଉକ୍ତ ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ନ ହୋଇ ଫେରାର ହୋଇଯାଇଥିଲେ। ପରେ କୋର୍ଟ ତାଙ୍କୁ ଗିରଫ କରିବା ପାଇଁ ପରୱାନା ଜାରି କରିଥିଲା। ପୋଲିସ ଫେରାର ଭାଲୁଙ୍କୁ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରିଥିବା କହିଛି।

### ପ୍ରତିଭାବାନ ବ୍ୟକ୍ତିଙ୍କ ନାଁରେ ପାଠାଗାର ନାମିତ କରିବାକୁ ଦାବି

**ବ୍ରହ୍ମପୁର ଅଫିସ୍,୧୨।୨:** ପ୍ରତ୍ୟେକ ପଞ୍ଚାୟତରେ ଜଣେ ପ୍ରତିଭାବାନ୍ ବ୍ୟକ୍ତିଙ୍କ ନାମରେ ପଞ୍ଚାୟତ ପାଠାଗାର ନାମିତ କରିବା ପାଇଁ ବରିଷ୍ଠ ସାମାଜିକକର୍ମୀ ତ୍ରିନାଥ ମହାରଣା ଦାବି କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ରାଜ୍ୟ ସରକାର ପାଠାଗାର ସ୍ଥାପନ କରିବା ନିଷ୍ପତ୍ତିକୁ ମହାରଣା ସ୍ୱାଗତ ଜଣାଇଛନ୍ତି। ଏହାଦ୍ୱାରା ପୁରପଲ୍ଲୀରେ ଅଗଣିତ ପାଠକ ସୃଷ୍ଟି ହେବେ ବୋଲି ସେ କହିଛନ୍ତି। କିନ୍ତୁ ଜଣେ ପ୍ରତିଭାବାନ୍ ବ୍ୟକ୍ତି ତଥା ସ୍ୱାଧୀନତା ସଂଗ୍ରାମୀ, ଶହୀଦ୍, ସାହିତ୍ୟିକ, ଜ୍ୟୋତିଷବିଦ୍, ଶିକ୍ଷାବିତ୍ ଓ ସାମାଜିକକର୍ମୀଙ୍କ ନାମରେ ପାଠାଗାର ନାମକରଣ କରିବା ଦ୍ୱାରା ସେହି ପଞ୍ଚାୟତର ଯୁବପିଢ଼ି ପ୍ରେରଣା ପାଇବେ। ଏଥିସହ ପ୍ରତିଭାବାନ୍ ବ୍ୟକ୍ତିଙ୍କ ସଂକ୍ଷିପ୍ତ ଜୀବନୀ ରଖାଯିବାକୁ ତ୍ରିନାଥ ଦାବି କରିଛନ୍ତି। ସେ ସମସ୍ତ ବିଧାୟକ, ଏମ୍‌ପିଙ୍କୁ ନିଜ ଅଞ୍ଚଳର ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ମାନ ଦେବାକୁ ଓ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସ୍ୱାଭିମାନ ଭିତରେ ରାଜନୀତି କରନ୍ତୁ ବୋଲି ନିବେଦନ କରିଛନ୍ତି।

### ଆରଡିସି ଅଫିସ ଆଗରେ କୃଷକ ମୋର୍ଚ୍ଚାର ଆନ୍ଦୋଳନ

**ବ୍ରହ୍ମପୁର ଅଫିସ,୧୨।୨:** ଗଞ୍ଜାମ ସାଂଗଠନିକ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ବ୍ରହ୍ମପୁରରେ ଶୋଭାଯାତ୍ରା ଓ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ସହ ଗଣଧାରଣା ଦିଆଯାଇଥିଲା। ବିଜେଡି ସରକାରଙ୍କ ଚାଷୀ ବିରୋଧୀ ନୀତି ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। କୃଷକ ମୋର୍ଚ୍ଚା ଜିଲା ସଭାପତି ମହନ୍ତ ଚିନ୍ମୟାନନ୍ଦ ଦାସ ନେତୃତ୍ୱ ନେଇଥିଲେ। ଆରଡିସିଙ୍କୁ ପ୍ରଦାନ କରାଯାଇଥିବା ୧୦ ଦଫା ଦାବିପତ୍ରରେ ଚାଷୀଙ୍କ ଉତ୍ପାଦିତ ଖରିଫ ଧାନ ବିକ୍ରି ନିମନ୍ତେ ଟୋକନ ପ୍ରଦାନ, ସମସ୍ତ ଚାଷୀଙ୍କ ସବୁ ଧାନ ମଣ୍ଡିରେ ବିକ୍ରୟ ବ୍ୟବସ୍ଥା, କୁଇଣ୍ଟାଲ ପିଛା ୫ ରୁ ୧୦ କେଜି କଟା ନ ଯିବା ଏବଂ ଏଫ୍‌ଏକ୍ୟୁ ପରୀକ୍ଷା ବ୍ୟବସ୍ଥା ବନ୍ଦ କରାଯିବା ଆଦି ଅନ୍ତର୍ଭୁକ୍ତ। ପ୍ରତିବାଦ ସଭାରେ ସଭାପତି ଦାସ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତିଙ୍କ ସମେତ ରବୀନ୍ଦ୍ର ସାହୁ, ବବିତା ପାତ୍ର, ମଧୁସୂଦନ ସାହୁ ଓ ଅନ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ନବୀନ ସରକାର ଚାଷୀ ମାରଣ ନୀତି ପରିହାର ନ କଲେ ଆଗାମୀ ଦିନରେ ଚାଷୀଙ୍କୁ ମେଳି କରି ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଥିଲା।

### ୨ଦିନ ହେଲା ଯୁବକଙ୍କ ପତ୍ତା ମିଳୁନି

**ବାଲିଗୁଡା,୧୨।୨(ଡି.ଏନ୍.ଏ.):** ବାଲିଗୁଡା ଥାନା ନୂଆସାହିର ଜନୈକ ଯୁବକ ୨ଦିନ ହେଲା ନିଖୋଜ ନେଇ ଅଭିଯୋଗ ହୋଇଛି। ତାଙ୍କ ନାମ ପରମେଶ୍ୱର ଧାରୁଆ(୩୫)। ବୁଧବାର ଅପରାହ୍ନରୁ ସେ ଘରୁ କାହାକୁ କିଛି ନକହି କେଉଁଆଡେ ଚାଲିଯାଇଛନ୍ତି। ପରିବାର ଲୋକଙ୍କ ଏତଲାକ୍ରମେ ବାଲିଗୁଡା ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ଦାବି ଜୋର୍

**ମିଳିତ କ୍ରିୟାନୁଷ୍ଠାନ କମିଟି, ବରିଷ୍ଠ ନାଗରିକ ମଞ୍ଚର ଆନ୍ଦୋଳନ ଜାରି**

ବ୍ରହ୍ମପୁର ଅଫିସ୍,୧୨।୨

ବ୍ରହ୍ମପୁରରେ ବିମାନ ବନ୍ଦର ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ପୋଷ୍ଟ କାର୍ଡ଼ ଓ ଦସ୍ତଖତ ସଂଗ୍ରହ ଅଭିଯାନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ମିଳିତ କ୍ରିୟାନୁଷ୍ଠାନ କମିଟି ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ କମଳାବାରି ସାହିଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟବସାୟୀ ସଂଘ ପକ୍ଷରୁ ଆନ୍ଦୋଳନରେ ସାମିଲ ନେଇ ପୂର୍ଣ୍ଣ ସହଯୋଗ ମିଳିଥିଲା। ବୈଠକ ପରେ କମଳାବାରି ସାହିଠାରେ ପୋଷ୍ଟ କାର୍ଡ଼ ମାଧ୍ୟମରେ ଜନସାଧାରଣଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଶନିବାର ହିଞ୍ଜିଳି ଓ କୁକୁଡ଼ାଖଣ୍ଡିଠାରେ



ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦସ୍ତଖତ ସଂଗ୍ରହ।

ସମାନ ଦାବି ସମୂହକୁ ନେଇ ପଥପ୍ରାନ୍ତ ସଭା ଓ ପୋଷ୍ଟକାର୍ଡ଼ ଅଭିଯାନ କରାଯିବ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି। ଏଥିରେ ରାଜେନ୍ଦ୍ର କୁମାର ପଣ୍ଡା, ଅବନୀ କୁମାର ଗୟା, ଜେ.ସୁରେଶ, ଗଗନ କୁମାର ମଲ୍ଲିକ ଓ ଶ୍ୟାମ ସୁନ୍ଦର ଖାଡ଼ଙ୍ଗାଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଂଘ ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ବିଜିପୁର ସନ୍ତୋଷୀ ମା' ମନ୍ଦିର ନିକଟସ୍ଥ ସାହି ବୁଲି ସ୍ଥାନୀୟ ବାସିନ୍ଦାଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଆଗାମୀ ଦିନରେ ସହରର ବିଭିନ୍ନ ବସ୍ତି ବୁଲି ଏଭଳି କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି କହିଛନ୍ତି। ଏଥିରେ ସଂଘ ସମ୍ପାଦକ ହିମାଂଶୁ ଶେଖର ପଟ୍ଟନାୟକ, ଯୁଗ୍ମ ସଂପାଦକ ଲଳିତ ମୋହନ ସାହୁ, ସନ୍ତୋଷ କୁମାର ମହାନ୍ତି, ରବୀନ୍ଦ୍ରନାଥ ସ୍ୱାଇଁ ଓ ବସନ୍ତ କୁମାର ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଦାଦା ମୃତ, ପୁତୁରା ଗୁରୁତର

ବ୍ରହ୍ମପୁର ଅଫିସ,୧୨।୨

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଗୁଣ୍ଡବନ୍ଧ ନିକଟରେ ଗୁରୁବାର ରାତିରେ ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁତୁରା ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣଙ୍କ ଲଙ୍ଗଳଦେଇ ଗ୍ରାମର ନୀଳାଞ୍ଚଳ ଗୌଡ଼ (୨୮)। ଗୁରୁତର ହେଲେ ବାଉରୀ ଗୌଡ଼(୧୩)। ସେ ଏବେ ବିଶାଖାପାଟଣା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୋଲିସ ସୂଚନା ଦେଇଛି। ଶୁକ୍ରବାର ପୋଲିସ ଯୁବକଙ୍କ ମୃତଦେହ ଜବତ କରି ନଂ. ୪୩/୨୧ରେ ଏକ ମାମଲା ରୁଜୁ କରିଛି। ଗୁରୁବାର ଏକ ଭୋଜିରେ ଯୋଗଦେବା ପାଇଁ ଦାଦା ନୀଳାଞ୍ଚଳ ଓ ତାଙ୍କ ପୁତୁରା ବାଉରୀ ବ୍ରହ୍ମପୁର ଆସିଥିଲେ। ସେମାନେ ଭୋଜି ଖାଇ ଲଙ୍ଗଳଦେଇ ହୋଇ ବାଇକ୍‌ରେ ଗାଁକୁ ଫେରୁଥିଲେ। ଗୁଣ୍ଡବନ୍ଧ ନିକଟରେ ନୀଳାଞ୍ଚଳ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ସାଇନ୍ ବୋର୍ଡ଼କୁ ଧକ୍କା ଦେଇଥିଲେ। ଫଳରେ ଉଭୟେ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନୀଳାଞ୍ଚଳଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଥିବା ବାଉରୀଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

## ବିହାର ସ୍ୱତନ୍ତ୍ର ଟିମ୍‌ର ଆଇଟିଆଇ ପରିଦର୍ଶନ

**ଛାତ୍ରୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା**


ସ୍ୱତନ୍ତ୍ର ଟିମ୍ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

ବ୍ରହ୍ମପୁର ଅଫିସ ୧୨।୨

ବିହାର ଶ୍ରମ ମନ୍ତ୍ରଣାଳୟ ତରଫରୁ ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ବ୍ରହ୍ମପୁର ଆଇଟିଆଇ ପରିଦର୍ଶନ କରିଥିଲା। କୌଶଳ ବିକାଶ ଓ ନିଯୁକ୍ତି ବିଭାଗ ନିର୍ଦ୍ଦେଶକ ରଞ୍ଜିତାଙ୍କ ତତ୍ତ୍ୱାବଧାନରେ ୧୧ ଜଣିଆ ଟିମ୍ ପରିଦର୍ଶନରେ ଆସିଛନ୍ତି। ଏହି ଅବସରରେ ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ, ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି ନୋଡାଲ ଅଫିସର ଏସ୍.ଭି.ଏନ୍. ରାଓ ଓ ଆଞ୍ଚଳିକ ନିଯୁକ୍ତି କାର୍ଯ୍ୟାଳୟ ସହକାରୀ ନିର୍ଦ୍ଦେଶକ ଆର. ଏମ. କିଲାନଙ୍କ ଉପସ୍ଥିତିରେ ଆଇଟିଆଇର ଖୋଲା ସ୍କ୍ରାପ୍ ମ୍ୟୁଜିୟମ୍, ୱାର୍କଶପ୍, ଅଡିଟୋରିୟମ୍, କୋଭିଡ୍ ଇନୋଭେଶନ ସେଣ୍ଟର, କ୍ୟାମ୍ପସ୍ ପରିସର ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ବ୍ରହ୍ମପୁର ଆଇଟିଆଇର କାର୍ଯ୍ୟଦକ୍ଷତା, ଅନ୍ତର୍ଜାତୀୟ ବ୍ରାଣ୍ଡିଂ, ଶତ ପ୍ରତିଶତ ନିଯୁକ୍ତି, ଲ୍ୟାବ୍ ଡିଜାଇନ ସମେତ ଉତ୍ତମ ପାଠପଢ଼ା ଭଳି ୧୦ଟି କ୍ଷେତ୍ରରେ ରାଜ୍ୟର ଅନ୍ୟ ଶିଳ୍ପ ତାଲିମ ଅନୁଷ୍ଠାନ ଅପେକ୍ଷା ଭଲ ଅଗ୍ରଗତି କରିଥିବା ନେଇ ମତ ରଖିଥିଲେ। ସୂଚନାଯୋଗ୍ୟ, ଏହି ୧୧ ଜଣିଆ ଟିମ୍‌ଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତର ଶେଷ ଦିନ ପୂର୍ବରୁ କଟକ ଓ ଭୁବନେଶ୍ୱର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ସମେତ ଛତ୍ରପୁରର ନିଯୁକ୍ତି କାର୍ଯ୍ୟାଳୟ ପରିଦର୍ଶନ କରି ଶେଷରେ ବ୍ରହ୍ମପୁର ଆଇଟିଆଇ ବୁଲି ଦେଖିଥିଲେ। ବ୍ରହ୍ମପୁର ଆଇଟିଆଇର କାର୍ଯ୍ୟଦକ୍ଷତା, କୌଶଳ ବିକାଶ, ନୂତନ ଚିନ୍ତା ଶୈଳୀରେ ପ୍ରଭାବିତ ହେବା ସହ ଏଠାକାର ଛାତ୍ରଙ୍କ କାର୍ଯ୍ୟଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ।

## ସୀମା ନିର୍ଦ୍ଧାରଣରେ ସରକାର ବିଫଳ

ପାତ୍ରପୁର,୧୨।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସୀମାନ୍ତ କେତେକ ଗ୍ରାମବାସୀ ଆନ୍ଧ୍ର ନିର୍ବାଚନରେ ସାମିଲ ହେବା ଖବର ପ୍ରକାଶ ପରେ ଶୁକ୍ରବାର ଅପରାହ୍ନରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗ୍ରାମ ଗସ୍ତକରି ସ୍ଥିତି ପରଖିଛି। ଏହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ବେଳେ ଆନ୍ଧ୍ର ସରକାରଙ୍କ ଦ୍ୱାରା ପାନୀୟ ଜଳ ଯୋଗାଣ, ରାଶନ, ପକ୍କା ରାସ୍ତା, ବିଦ୍ୟୁତ୍, ଶିକ୍ଷା, ବାର୍ଦ୍ଧକ୍ୟ ଭତ୍ତା ପ୍ରମୁଖ ପାଇ ଆନ୍ଧ୍ର ପଟକୁ ଢଳୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଓଡିଶା ସରକାର କେବଳ ରାଶନ, ଭତ୍ତା ଓ ପକ୍କାଘର ଦେଉଛନ୍ତି। ସବୁଠୁ ବଡକଥା କେହି ରୋଗୀ ୧୦୨ କିମ୍ବା ୧୦୮କୁ କଲ୍ କଲେ ଆନ୍ଧ୍ର ସରକାରଙ୍କ ସେବା ସହିତ ସଂଯୋଗ ହେଉଛି ବୋଲି ମହାନ୍ତି କହିଥିଲେ। ଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ପାତ୍ରପୁର ଭାଜପା କାର୍ଯ୍ୟାଳୟଠାରେ ରାଜ୍ୟ ଭାଜପା ସଭାପତି ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସରକାର ଗଞ୍ଜାମ ଓ ଗଜପତି ଜିଲା ସୀମା ନିର୍ଦ୍ଧାରଣ କରିପାରୁ ନଥିବା ବେଳେ ୨ରାଜ୍ୟ ସୀମା କିପରି ନିର୍ଦ୍ଧାରଣ କରିବେ ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କ ଚତୁର୍ଦ୍ଦଶ ନୀତି ଆୟୋଗ ଏହି ପଞ୍ଚାୟତରେ କାର୍ଯ୍ୟକାରୀ ହେଉନି। ତୁମ୍ବା ଓ ବୁରାତାଲ ପଞ୍ଚାୟତରେ ଏହି ସବୁ ଗାଁ ଥିଲେ ମଧ୍ୟ ଆସୁଥିବା ଅନୁଦାନ ସେଠାରେ ଖର୍ଚ୍ଚ ହେଉନି। ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ରାଜ୍ୟ ଭାଜପା ଉପ ସଭାପତି ଭୃଗୁବକ୍ସି ପାତ୍ର, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ପ୍ରବକ୍ତା ବିରଞ୍ଚି ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା, ଜିଲା ଉପସଭାପତି ୱାଇ. ମୋହନ ରାଓ ପ୍ରମୁଖଙ୍କ ସହ ବହୁ ଭାଜପା କର୍ମୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଚଳଚ୍ଚିତ୍ର ନିର୍ମାତାଙ୍କୁ ରଙ୍ଗମଞ୍ଚ ସମ୍ମାନ



ଚଳଚ୍ଚିତ୍ର ନିର୍ମାତାଙ୍କୁ ସମ୍ମାନିତ କରାଯାଉଛି।

ବ୍ରହ୍ମପୁର ଅଫିସ୍,୧୨।୨

ନାଟକ ଏକାଡ଼େମୀ ପକ୍ଷରୁ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ନ୍ୟାସୀ ମହାରଣାଙ୍କୁ ଶୁକ୍ରବାର ରଙ୍ଗମଞ୍ଚ ସମ୍ମାନ ପ୍ରଦାନ କରାଯାଇଛି। ସନ୍ନ୍ୟାସୀ କରୋନା ସଚେତନ ସମ୍ବନ୍ଧୀୟ ବହୁ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଯାହାକି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହୋଇଥିଲା। ମହାମାରୀ ସମୟରେ କଳାକାର ସଂଘର୍ଷ କରୁଥିବା ବେଳେ ଜଣେ ଉଦ୍ୟମୀଙ୍କର ପ୍ରଚେଷ୍ଟା ଓ କଳା ପ୍ରତି ସମ୍ମାନ ଜଣାଇ ନାଟକ ଏକାଡ଼େମୀ ପକ୍ଷରୁ ଏଭଳି ସମ୍ମାନ ଦିଆଯାଇଥିବା ସଭାପତି ପ୍ରଦୀପ ମଦନ ମିଶ୍ର କହିଛନ୍ତି। ଏଥିସହ ଏକାଡ଼େମୀର ସମ୍ପାଦକ ଲିଙ୍ଗରାଜ ନାହାକ, ସଙ୍ଗୀତ ନାଟକ ଏକାଡ଼େମୀ ରାଜ୍ୟ ସଦସ୍ୟ ଅନୀଲ କୁମାର ପାତ୍ରଙ୍କୁ ଗୌରବମୟ ରଙ୍ଗମଞ୍ଚ ସମ୍ମାନ ପ୍ରଦାନ କରାଯାଇଥିଲା।

## ମହାନଗର ଯୁବ ବିଜେଡିର ଡିଜିଟାଲ୍ ଡ୍ରାଇଭ୍ ପ୍ରସ୍ତୁତି ବୈଠକ


ଅତିଥିଙ୍କ ଦ୍ୱାରା ଅଭିଭାଷଣ।

ବ୍ରହ୍ମପୁର ଅଫିସ୍,୧୨।୨

ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଲୋକାଭିମୁଖୀ କରିବା ଓ ଲୋକଙ୍କ ସହିତ ଯୋଡ଼ି ରହିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ମହାନଗର ଯୁବ ବିଜେଡି ଆଇଟି ସେଲ୍ ପକ୍ଷରୁ ଡିଜିଟାଲ୍ ଡ୍ରାଇଭ୍ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାନଗର ଯୁବ ବିଜେଡି ସଭାପତି ଅଜିତ୍ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବିଜେଡି ମହିଳା ସଭାନେତ୍ରୀ ସଂଘମିତ୍ରା ଦଳେଇଙ୍କ ସମେତ ଭଗବାନ ଗନ୍ତାୟତ, ବିଜୟ ସାମଲ, ମୁକୁନ୍ଦ ଗୌଡ଼, ଟି.ଗୋପୀ, ନଚିକେତା ସ୍ୱାଇଁ, ବନମାଳୀ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଦଳର ପ୍ରଚାର ପ୍ରସାର ଦିଗରେ ଆଇଟି ମୁଖ୍ୟ ମାଧ୍ୟମ। ଆଗାମୀ ନିର୍ବାଚନରେ ପ୍ରଚାର ପ୍ରସାର କ୍ଷେତ୍ରରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିବ। ବୈଠକରେ ଆଇଟି କୋଅର୍ଡିନେଟ୍‌ର ଅସିତ୍ କୁମାର ସାବତ ଉପସ୍ଥିତ ମହାନଗରର ସମସ୍ତ ୱାର୍ଡ କମିଟିର ସଭାପତି ଓ କୋଅର୍ଡ଼ିନେଟ୍‌ରମାନଙ୍କୁ ନିଜ ନିଜ ମୋବାଇଲ୍ ମାଧ୍ୟମରେ ଦଳୀୟ ୱେବ୍‌ସାଇଟ୍‌ରେ ସଦସ୍ୟ ଭାବେ ନାମ ପଞ୍ଜୀକୃତ କିଭଳି କରାଯିବ ସେ ନେଇ ପରାମର୍ଶ ଦେଇଥିଲେ। ବୈଠକରେ ପୂର୍ବତନ କର୍ପୋରେଟରଙ୍କ ସମେତ ବହୁ ଯୁବ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଡ୍ୟାମ୍ ନିରାପତ୍ତା ନିର୍ଦ୍ଦେଶକଙ୍କ ଧନେଇ ଡ୍ୟାମ୍ ପରିଦର୍ଶନ



ଧନେଇ ଡ୍ୟାମ ପରିଦର୍ଶନ କରୁଛନ୍ତି ଡ୍ୟାମ ନିରାପତ୍ତା ନିର୍ଦ୍ଦେଶକ।

ପୋଲସରା,୧୨।୨(ଡି.ଏନ.ଏ.)

ପୋଲସରା ବ୍ଲକ ଭାବରଡ଼ା ପଞ୍ଚାୟତ ରାଆଣ୍ଡିସ୍ଥିତ ରାଆଣ୍ଡି ଧନେଇ ଡ୍ୟାମକୁ ଶୁକ୍ରବାର ଭୁବନେଶ୍ୱରରୁ ଡ୍ୟାମ ନିରାପତ୍ତା ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରଥ ପରିଦର୍ଶନ କରିଥିଲେ। ଧନେଇ ଡ୍ୟାମର ସ୍ଥିତି ଅନୁଧ୍ୟାନ କରିଥିଲେ। ରଥଙ୍କ ପରିଦର୍ଶନ ବେଳେ ଧନେଇ ଜଳସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିଭୁଦତ୍ତ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ଜୟଦୀପ ପଣ୍ଡା, ଡେପୁଟି ଡାଇରେକ୍ଟର କୃଷ୍ଣ ବଲ୍ଲଭ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଟ୍ରାଫିକ୍ ସଚେତନତା

ବ୍ରହ୍ମପୁର ଅଫିସ୍,୧୨।୨

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ଏନ୍‌ଏସ୍‌ଏସ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଟ୍ରାଫିକ୍ ଡିଏସ୍‌ପି ବିମଳ କାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ. ଆନନ୍ଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ରେଡ୍‌କ୍ରସ୍ ଓ ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଚିତ୍ତ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ମାନିତ କରାଯାଇଥିଲା।

## ଏସ୍‌ବିଆର୍ କଲେଜକୁ ପରିଚାଳନା ସମିତି ଅଧ୍ୟକ୍ଷଙ୍କ ଗସ୍ତ

**ଭିତ୍ତିଭୂମି ବିକାଶ, ଶିକ୍ଷକ ପଦବୀ ପୂରଣ ଦାବି**

ବ୍ରହ୍ମପୁର ଅଫିସ୍,୧୨।୨

ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ପ୍ରଫେସର ମନ୍ମଥ କୁମାର ପାଢୀ ଶୁକ୍ରବାର କଲେଜକୁ ଯାଇଥିଲେ। ଅଧ୍ୟକ୍ଷ ଡ. ମହେନ୍ଦ୍ର ମିଶ୍ରଙ୍କ ସହ ପାଢୀ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ସ୍ୱୟଂଶାସିତ ମାନ୍ୟତା କ୍ଷମତା ବଜାୟ ରଖିବା, ଖାଲି ପଡ଼ିଥିବା ଅଧ୍ୟାପିକା, ଅଧ୍ୟାପକ ପଦବୀଗୁଡ଼ିକରେ ସ୍ଥାୟୀ ନିଯୁକ୍ତି ହେବା ଯାଏ ଅତିଥି ଅଧ୍ୟାପିକା ଓ ଅଧ୍ୟାପକ ପଦବୀକୁ ନିୟୋଜିତ କରି ଶିକ୍ଷାଦାନ ବ୍ୟବସ୍ଥାକୁ ସୁଦୃଢ଼, ଭିତ୍ତିଭୂମିର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପକୁ ଗୁରୁତ୍ୱର ସହ ନେବା ପାଇଁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରିଚାଳନା ସମିତି ଅଧ୍ୟକ୍ଷ ପାଢୀ ସମସ୍ତ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ପରୀକ୍ଷା ନିୟନ୍ତ୍ରକ ଡ.ଚିତ୍ତ ରଞ୍ଜନ ଶତପଥୀ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ.ଭରତ ଦାଶ, ଦକ୍ଷିଣାଞ୍ଚଳ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସମେତ ମହାବିଦ୍ୟାଳୟର ବହୁ ବରିଷ୍ଠ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ପାନୀୟ ଜଳ ସମସ୍ୟା

**ଖରାଦିନ ହେଲେ ବଢ଼ୁଛି ଚିନ୍ତା**

ବ୍ରହ୍ମପୁର ଅଫିସ ୧୨।୨

ବ୍ରହ୍ମପୁର ମହାନଗର ନିଗମକୁ ବର୍ତ୍ତମାନ ସ୍ୱଚ୍ଛ ଓ ସୁନ୍ଦର କରିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଏପରି ବହୁ ଅଞ୍ଚଳ ରହିଛି ଯେଉଁଠି ଲୋକେ ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ମୁଖ୍ୟତଃ ପାନୀୟ ଜଳ ଯୋଗାଣରେ ଅନିୟମିତତା ସହରର ଆଜି ସବୁଠାରୁ ବଡ଼ ସମସ୍ୟା ହୋଇଛି। ୱାର୍ଡ଼ ନମ୍ବର ୨୪, ୨୫ ଓ ୨୬ରେ ପାନୀୟ ଜଳ ଯୋଗାଣରେ ଅନିୟମିତତାରୁ ଲୋକେ ସବୁବେଳେ ଘରଠାରୁ ବହୁ ଦୂର ଦୂରାନ୍ତକୁ ଯାଇ ପିଇବା ପାଣି ସଂଗ୍ରହ କରିଥାନ୍ତି। ଏନେଇ ଲୋକେ ଅନେକଥର ପ୍ରଶାସନ ନିକଟରେ ଅଭିଯୋଗକରି ଆସୁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ପ୍ରକାର ସ୍ଥାୟୀ ସମାଧାନ ହୋଇପାରୁନାହିଁ।

ୱାର୍ଡ ନମ୍ବର ୨୪ ଅନ୍ତର୍ଗତ ବିଜିପୁର ସାନବାଉରୀ ସାହିରେ ଲୋକେ ନର୍ଦ୍ଦମା ନିକଟରୁ ବହୁ ଅପରିଷ୍କାର ପରିବେଶରୁ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ସାହିର ୪୦ ରୁ ୫୦ ପରିବାର ଲୋକ ନିୟମିତ ଭାବେ ରାସ୍ତାକଡ଼ରେ ଡ୍ରେନ୍‌କୁ ଲାଗି ରହିଥିବା ଏକ ଗଭୀର ପାଣିକୁଣ୍ଡରୁ ଗରାରେ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ନର୍ଦ୍ଦମାକୁ ଲାଗି ରହିଥିବା


ନର୍ଦ୍ଦମା ନିକଟସ୍ଥ କୁଣ୍ଡରୁ ମହିଳାଙ୍କ ପାନୀୟଜଳ ସଂଗ୍ରହ।

ପାଣିକୁଣ୍ଡ ଦେଢ଼ଫୁଟ ଗଭୀର ରହିଛି। ନିୟମିତ ଭାବେ ରାତି ୭ଟା ବେଳେ ପିଇବା ପାଣି ଲୋକେ ଏଠାରୁ ସଂଗ୍ରହ କରନ୍ତି ବୋଲି ସାହି ବାସିନ୍ଦା ସାଧନା ଦାସ କୁହନ୍ତି। ସେହିପରି ୱାର୍ଡ ନମ୍ବର ୨୫ ଡିମ୍ପିରା ଦଳିତ ସାହି ଲୋକେ ମଧ୍ୟ ପାନୀୟ ଜଳ ସଂଗ୍ରହ କରିବା ନିମନ୍ତେ ସେମାନଙ୍କୁ ସବୁବେଳେ ରାତି ୯ଟା ଯାଏ ଅପେକ୍ଷା କରିବାକୁ ପଡ଼ିଥାଏ, ବେଳେ ବେଳେ ରାତି ୧୧ ମଧ୍ୟ ହୁଏ । ପାନୀୟ ଜଳ ଯୋଗାଣ ବିଭାଗର କୌଣସି ସମୟ ସୀମା ନାହିଁ।

ସାହି ବାସିନ୍ଦା ଅଭିଯୋଗ କରନ୍ତି, ସାହିରେ ଗୋଟିଏ ମାତ୍ର ଷ୍ଟାଣ୍ଡପୋଷ୍ଟ ରହିଥିବା ବେଳେ ଏହା ସାହିର ସମସ୍ତ ବାସିନ୍ଦାଙ୍କ ନିମନ୍ତେ ପର୍ଯ୍ୟାପ୍ତ ନୁହେଁ। ଠିକ୍ ସେହିପରି ନୀଳକଣ୍ଠ ନଗର ଏକ୍ସଟେନ୍‌ସନର ୬ଟି ସାହିରେ ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପରିବାର ଲୋକ ବସବାସ କରୁଥିଲେ ସୁଦ୍ଧା ଏଯାବତ ପାନୀୟ ଜଳ ଯୋଗାଣ ନେଇ କୌଣସି ସୁବିଧା ହୋଇନାହିଁ। ଫଳରେ ଲୋକେ ଏହାର ବିକଳ୍ପରେ ପିଇବା ପାଣି କିଣିଥାନ୍ତି। ଠିକ୍ ସେହିଭଳି ୱାର୍ଡ଼ ନମ୍ବର ୨୬ ଅନ୍ତର୍ଗତ ଶାଳିଆ ବନ୍ଧ ସାହି ଓ ଆଖପାଖ ଅଞ୍ଚଳର ଲୋକେ ଦୀର୍ଘ ବର୍ଷ ଧରି ପିଇବା ପାଣି ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏହି ସମସ୍ତ ଅଞ୍ଚଳର ଲୋକେ ବିକଳ୍ପ ଭାବେ ନିୟମିତ ପାନୀୟ ଜଳ ସଂଗ୍ରହ ନିମନ୍ତେ ନିଜ ଘରଠାରୁ ୩ ରୁ ୪ କି.ମି.ଦୂର ହିଲପାଟଣା ଓ ଖଲ୍ଲିକୋଟ କଲେଜ ନିକଟସ୍ଥ ପିଏଚ୍ ଡିଭିଜନ ଅଫିସକୁ ଯାଇ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ବର୍ଷ ତମାମ ଏହିପରି ଲୋକେ ପାଣି ସଂଗ୍ରହ କରୁଥିବା ବେଳେ ଖରାଦିନେ ଲୋକେ ଉତ୍କଟ ଜଳ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୀତାରାମ ପଣ୍ଡାଙ୍କ ସହ ମୋବାଇଲ ନଂ.୯୪୩୭୧୯୨୩୨୯ରେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଆଗକୁ ଖରାଦିନ ପାଖେଇ ଆସୁଥିବାରୁ ଲୋକଙ୍କ ଚିନ୍ତା ବଢ଼ିବାରେ ଲାଗିଛି।

**ଆଖୁପେଡ଼ା ଲାଗି ପୂଜାର୍ଚ୍ଚନା**

ଆସିକା,(ଡି.ଏନ୍.ଏ.): ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ଚଳିତବର୍ଷର ଆଖୁପେଡ଼ା ରବିବାର ଠାରୁ ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର କାରଖାନା ଆଖୁନାଳି ନିକଟରେ ପୂର୍ବ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଛି। ଚିନିଶିଳ୍ପର ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀଙ୍କ ପୌରହିତ୍ୟରେ ପୂଜା ସରିବା ପରେ ଆଖୁନାଳିରେ ଏକଶଗଡ ଆଖୁ ପକାଯାଇ ଆଖୁ ପେଡାଯାଇଥିଲା। ଆସିକା ଚିନିଶିଳ୍ପ ପକ୍ଷରୁ ଚଳିତ ବର୍ଷ ୫୦ ହଜାର ଟନ ଆଖୁ ପେଡିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଦୈନିକ ୧୨ ଶହରୁ ୧୫ ଶହ ଟନ ହାରରେ ଆଖୁ ପେଡାଯିବା ଲାଗି ଖସଡା ପ୍ରସ୍ତୁତ କରାଯାଇଛି।

## ସଂକ୍ଷେପରେ

### ଦୀପ ନିଆଁରେ ମହିଳା ଗୁରୁତର

ବୁଗୁଡ଼ା,୧୨।୨(ଡି.ଏନ.ଏ.): ବୁଗୁଡ଼ା ଥାନା ମୋଟାବାଡ଼ି ଗ୍ରାମରେ ଶୁକ୍ରବାର ଦୀପ ନିଆଁରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ରାମଚନ୍ଦ୍ର ମହାରଣାଙ୍କ ସ୍ତ୍ରୀ ଗାୟତ୍ରୀ (୩୫)। କୁମ୍ଭ ସଂକ୍ରାନ୍ତି ଯୋଗୁ ଗାୟତ୍ରୀଙ୍କ ପୂଜାର୍ଚ୍ଚନା କରିବାକୁ ପୂର୍ବାହ୍ନରେ ଶିବ ମନ୍ଦିରକୁ ଯାଇଥିଲେ। ସେଠାରେ ଦୀପ ଜାଳି ପୂଜା କରିବା ସମୟରେ ହଠାତ୍ ତାଙ୍କ ଶାଢ଼ୀରେ ଏକ ଜଳନ୍ତା ଦୀପ ଲାଗିଯାଇଥିଲା। ଫଳରେ ଗାୟତ୍ରୀ ନିଆଁରେ ପୋଡ଼ିଯାଇଥିଲେ। ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

### ବେରୁହାଁବାଡ଼ିରେ ଡାକ ମେଳା

ବେଗୁନିଆପଡ଼ା,୧୨।୨(ଡି.ଏନ.ଏ): ବେଗୁନିଆପଡ଼ା ବ୍ଲକ ବେରୁହାଁବାଡ଼ି ଗ୍ରାମରେ ଶୁକ୍ରବାର ବ୍ରହ୍ମପୁର ଉତ୍ତରାଖଣ୍ଡ ସହକାରୀ ଡାକ ଅଧୀକ୍ଷକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏକ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ନୀଳାଞ୍ଚଳ ପାଢ଼ୀ, ଡାକ ଅଧିକ୍ଷକ ତାରିଣୀ ଚରଣ ପାଢ଼ୀ ଯୋଗଦେଇ ଡାକ ବିଭାଗର ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବେରୁହାଁବାଡ଼ି ଓ ଜଗିଲିପଦରକୁ ଡାକ ପଞ୍ଚ ତାରକା ଗ୍ରାମ ଓ କରଙ୍ଗିଆ, କାଲୁଆବାଡ଼ି, ତାରିଣୀପଲ୍ଲୀ ଓ ଦକ୍ଷିଣପୁର ଗ୍ରାମକୁ ସୁକନ୍ୟା ଡାକ ଗ୍ରାମ ଭାବେ ଘୋଷଣା କରାଯାଇଥିଲା। ଏଥିସହ କୃତୀ ଶାଖା ପରିଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଡକାୟତି ମାମଲାରେ ୩ କୋର୍ଟ ଚାଲାଣ

ଗୋପାଳପୁର,୧୨।୨:ଏକ ଡକାୟତି ମାମଲାରେ ଫେରାର ଥିବା ୩ ଜଣଙ୍କୁ ଗୋପାଳପୁର ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବ୍ରହ୍ମପୁର ଗଜପତି ନଗରର ସତ୍ୟ ସ୍ୱରୂପ ଜେନା, ଶକ୍ତିନଗରର ଦେବାଶିଷ ଆଚାର୍ଯ୍ୟ ଓ ବିଜିପୁର ଅଞ୍ଚଳର ସୁଶାନ୍ତ ବେହେରା। ସେମାନଙ୍କଠାରୁ ୩ ବାଇକ୍ ଜବତ କରାଯାଇଛି। ଗତ ଅକ୍ଟୋବର ୧୫ ତାରିଖ ରାତିରେ ବଡ଼ ବଜାରର ବି ବିଜୟ କୁମାର ଆଚାରି ଓ କେ.ଶିବ ପ୍ରସାଦ ଆଚାରି ଗୋପାଳପୁର ଓଭରବ୍ରିଜ ନିକଟରେ ବିଶାଖାପାଟନାମ ଯିବା ପାଇଁ ବସ୍‌କୁ ଅପେକ୍ଷା କରୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ସେମାନଙ୍କୁ ମାଡ଼ ମାରି ବାଇକ୍, ଦୁଇଟି ମୋବାଇଲ ଓ ୮୦୦୦ଟଙ୍କା ଲୁଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ନଂ. ୧୭୧/୨୦ରେ ପୋଲିସ ମାମଲା ରୁଜୁ କରିଥିଲା। ପୂର୍ବରୁ ଏହି ମାମଲାରେ ୭ ଧରାପଡ଼ିଥିଲେ।

### ସକ୍ଷମ-୨୦୨୧ ଅନୁଷ୍ଠିତ

ନୂଆଗଡ଼ା,୧୨।୨: ଗଜପତି ଜିଲା ନୂଆଗଡ଼ ବ୍ଲକ ଝାଲରସିଂ ଗ୍ରାମର ଓଡ଼ିଆ ସାହି ଅଙ୍ଗନୱାଡି କେନ୍ଦ୍ରଠାରେ ସକ୍ଷମ -୨୦୨୧ ବା ସବୁଜ ଏବଂ ସ୍ୱଚ୍ଛ ଇନ୍ଧନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ଶ୍ରୀରାମ ଭାରତ ଗ୍ୟାସ ଏସଡିପି ନରସିଂହ ବେହେରା ଯୋଗ ଦେଇଥିଲେ। ଅଫିସ ଷ୍ଟାଫ ଗଙ୍ଗାଧର ବେନିଆ, ଝାଲରସିଂ ଭାରତ ଗ୍ୟାସ ଏଜେଣ୍ଟ ହିମାଂଶୁ ପାଣି ଓ ଜଗନ୍ନାଥ ସାହୁ, ଗ୍ରାମର ଅଙ୍ଗନୱାଡି ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏଲପିଜି ଗ୍ୟାସ କିପରି ସୁରକ୍ଷିତ ଭାବେ ବ୍ୟବହାର କରାଯିବ ସେ ସମ୍ପର୍କରେ ମହିଳାଙ୍କୁ ଶିକ୍ଷା ପ୍ରଦାନ କରାଯାଇଥିଲା।

### ଭଲିବଲ ଟୁର୍ଣ୍ଣାମେଣ୍ଟ, ଫୁଲବାଣୀ ବିଜୟୀ

ସୋରଡ଼ା,୧୨।୨(ଡି.ଏନ୍.ଏ.): ସୋରଡ଼ାରେ ଚାଲିଥିବା ଆନ୍ତଃ ଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସରେ ପାୱାର ସିକ୍ସ ବ୍ରହ୍ମପୁର ସହ ଫୁଲବାଣୀ ଦଳର କ୍ୱାଟର ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଫୁଲବାଣୀ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ାବିତ୍ ସୟଦ ରାଫି ଅତିଥି ରୂପେ ଯୋଗଦେଇ ଉତ୍ତମ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଗୋପୀନାଥ ବେହେରା ରେଫରି ଓ ଶିକ୍ଷକ ରାଜେନ୍ଦ୍ର ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଞ୍ଜୟ ପଣ୍ଡା ଭାଷ୍ୟକାର ଥିବା ବେଳେ କ୍ଲବ ସଭାପତି ଜିତେନ୍ଦ୍ର ପାଣ୍ଡେ ସଦସ୍ୟ ଡିଲୁ ମହାରଣା, ଟୁନା ସେନାପତି, ସୟଦ ୱାସୀମ, ମନୋଜ ପ୍ରଧାନ, ସରୋଜ ପ୍ରଧାନ, ରାଜେଶ ନାୟକ ଖେଳ ପରିଚାଳନା କରିଥିଲେ। ଶନିବାର ଅଡ଼ବା ଓ ମୋହନା କ୍ୱାଟର ଫାଇନାଲ ଖେଳ ହେବ।

# ୯ ମାସ ହେଲା ଟାଇଟାନିୟମ ପ୍ଲାଣ୍ଟ ବନ୍ଦ

**ଜିଲାପାଳ ହସ୍ତକ୍ଷେପ କରିବାକୁ ବିସ୍ଥାପିତଙ୍କ ଅନୁରୋଧ**

ଛତ୍ରପୁର,୧୨।୨(ଡି.ଏନ୍.ଏ.)

ଛତ୍ରପୁର ଉପକଣ୍ଠରେ ଥିବା ଟାଇଟାନିୟମ ପ୍ଲାଣ୍ଟ ଗତ ୯ ମାସ ହେଲା ବନ୍ଦ ରହିଛି । ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଏସବୁ ମାସର ପୂରା ଦରମା ମିଳିନି। ଅନ୍ୟପକ୍ଷରେ ସରାଫ୍ କମ୍ପାନୀ ଏହି ପ୍ଲାଣ୍ଟକୁ ସବୁଦିନ ପାଇଁ ବନ୍ଦ କରିବାକୁ ଯାଉଥିବା ଖବର ମିଳିଥିବା ଭୂ-ବିସ୍ଥାପିତ କଲ୍ୟାଣ ସଂଘ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଭୂ-ବିସ୍ଥାପିତ କଲ୍ୟାଣ ସଂଘ ସଦସ୍ୟ ତଥା କର୍ମଚାରୀମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ପ୍ଲାଣ୍ଟରେ କିଭଳି ପୁଣି କାର୍ଯ୍ୟ ଆରମ୍ଭ ହେବ ଏବଂ ବକେୟା ଦରମା ମିଳିବ ସେ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ବିସ୍ଥାପିତ ତଥା ପ୍ଲାଣ୍ଟ କର୍ମଚାରୀମାନେ କହିଛନ୍ତି, କୋଭିଡ୍-୧୯ ପାଇଁ ହୋଇଥିବା ହୋଇଥିବା ଲକ୍‌ଡାଉନ୍ ଯୋଗୁ ଗତବର୍ଷରୁ ପ୍ଲାଣ୍ଟ ବନ୍ଦ କରାଯାଇଛି । କର୍ମଚାରୀ ଓ ଶ୍ରମିକମାନଙ୍କୁ ପୂରା ଦରମା ମିଳୁ ନ ଥିବାରୁ ଦୈନିକ ଜୀବନଯାପନରେ ବାଧା ସୃଷ୍ଟି ହେଉଥିବା ଜିଲାପାଳଙ୍କୁ ଅବଗତ କରାଯାଇଛି। ସଂଘ ସଭାପତି ଏସ୍. ଚକ୍ରପାଣି ରେଡ୍ଡୀ, ଉପସଭାପତି ବି. ଭେଙ୍କଟରାବଣା, ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାରଣା, ଏସ୍. ତ୍ରିନାଥ ରେଡ୍ଡୀ, ଏସ୍. କ୍ରିଷ୍ଣା ରେଡ୍ଡୀ, ରମେଶ ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ବେହେରା, ତ୍ରିନାଥ ବେହେରା, ସୋମନାଥ ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ । ତେବେ ଖୁବଶୀଘ୍ର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡାକି ଆଲୋଚନା କରାଯାଇ କିଭଳି ପୁଣି ପ୍ଲାଣ୍ଟରେ କାର୍ଯ୍ୟ ଚାଲିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ଯୋଗାଯୋଗ ବେଳେ ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ଟାଇଟାନିୟମ ପ୍ଲାଣ୍ଟରେ ୨୩୦ ରେଗୁଲାର କର୍ମଚାରୀ ଓ ୧୫୦ ଜଣ ଠିକାରେ କାମ କରିଆସୁଛନ୍ତି। ପ୍ଲାଣ୍ଟ ପାଇଁ ୪୫୦ ଲୋକ ଜମି ହରାଇଥିଲେ। ୨୦୧୬ ସେପ୍ଟେମ୍ବର ୩୦ରେ ପ୍ଲାଣ୍ଟ ଉଦଘାଟିତ ହୋଇଥିଲା ।


ସାରୁ ନିକଟରେ ରାସ୍ତାପାର୍ଶ୍ୱ ଗଛ କଟାଯାଇଛି।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ଗଛକଟା

ହିଞ୍ଜିଳିକାଟୁ,୧୨।୨(ଡି.ଏନ୍.ଏ.)

୫୯ନଂ. ଜାତୀୟ ରାଜପଥର ରତ୍ନପୁର ଠାରୁ ହିଞ୍ଜିଳିକାଟୁ ମକରଝୋଳ ରୋଡ ଏବଂ ହିଞ୍ଜିଳିକାଟୁ ଘୋଡ଼ାହାଡ଼ ନଦୀଠାରୁ ମୁଣ୍ଡମରେଇ ପର୍ଯ୍ୟନ୍ତ ପ୍ରାୟ ୪୦ କି.ମି. ରାସ୍ତା ୪ଲେନ ହେବ। ୧୬ ମିଟର ଓସାର ରାସ୍ତା ପାଇଁ ପ୍ରାୟ ୮୮ କୋଟି ଟଙ୍କାର ଟେଣ୍ଡର ହୋଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଠିକା ସଂସ୍ଥା ଖୁବ୍‌ଶୀଘ୍ର କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛଗୁଡ଼ିକୁ କାଟିବା ନିମନ୍ତେ ଓଏଫଡିସି (ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେଶନ)କୁ ଦାୟିତ୍ୱ ଦିଆଯାଇଛି। ତେଣୁ ଗୁରୁବାରଠାରୁ ମେଶିନ ଦ୍ୱାରା ରାସ୍ତା ପାର୍ଶ୍ୱରେ ଥିବା ବହୁ ପୁରୁଣା ଗଛ କଟା ଚାଲିଛି। ହିଞ୍ଜିଳିକାଟୁ ଖଣ୍ଡରା ଛକଠାରୁ ରତ୍ନପୁର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ୨୦୭ଟି ବଡ଼ ଗଛ କଟାଯିବା ପାଇଁ ଚିହ୍ନଟ ହୋଇଥିବା ଫରେଷ୍ଟର ଏନ.ବାଲାଜୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଉପକାରୀ ଗଛଗୁଡ଼ିକୁ କଟାଯିବା ପରିବେଶପ୍ରେମୀଙ୍କୁ ବ୍ୟଥିତ କରିଛି। ସେହିପରି ଜାତୀୟ ରାଜପଥ ପ୍ରାଧୀକରଣ ପକ୍ଷରୁ ରାସ୍ତା ଚଉଡ଼ା ପାଇଁ କରାଯାଇଥିବା ଯୋଜନା ଅନୁସାରେ ଆସିକା ନିକଟ କାଳକଣ୍ଠପୁରଠାରେ ଏକ ବାଇପାସ ନିର୍ମାଣ କରାଯିବ। ହେଲେ ଦାବି ମୁତାବକ ହିଞ୍ଜିଳିକାଟୁ ଠାରେ ବାଇପାସ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଥିଲେ ମଧ୍ୟ ତାହା ବର୍ତ୍ତମାନ ହୋଇଥିବା ଟେଣ୍ଡରରେ ଅନ୍ତର୍ଭୁକ୍ତ କରାଯାଇନାହିଁ ବୋଲି ଏନ୍‌ଏଚ୍ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ସେଠି କହିଛନ୍ତି।

# ସଡ଼କ ସୁରକ୍ଷା ସାଇକେଲ ରାଲିରେ ଜିଲାପାଳ, ଏସ୍‌ପି


ସାଇକେଲ ରାଲିରେ ଜିଲାପାଳ ଓ ଏସ୍‌ପି ।

ଛତ୍ରପୁର,୧୨।୨(ଡି.ଏନ.ଏ.)

ସଡ଼କ ସୁରକ୍ଷା ନିୟମ ପାଳନ କଲେ ନିଜର ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିପାରିବା ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଛତ୍ରପୁରଠାରେ ସଡକ ସୁରକ୍ଷା ସଚେତନତା ସାଇକେଲ ରାଲିରେ ଯୋଗଦେଇ କହିଛନ୍ତି। ଜିଲାପାଳ ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ପତାକା ଦେଖାଇ ସାଇକେଲ ରାଲି ଶୁଭାରମ୍ଭ କରିଥିଲେ । ଉଭୟେ ଛାତ୍ରୀଛାତ୍ର, ବୁଦ୍ଧିଜୀବୀମାନଙ୍କ ସହ ମିଶି ସାଇକେଲରେ ଛତ୍ରପୁର ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ରାଲି କଣମଣା ବାତ୍ୟା ଆଶ୍ରୟସ୍ଥଳୀ ପର୍ଯ୍ୟନ୍ତ ଯାଇ ପୁଣି ଛତ୍ରପୁର ଫେରିଥିଲା । ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ସାଇକେଲ ରାଲି ଅବସରରେ ଅନୁଷ୍ଠିତ ମଞ୍ଚରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ସ୍ଥାନୀୟ ବିଡିଓ ଅମ୍ବିକା ପ୍ରସାଦ ଦାଶ, ଅତିରିକ୍ତ ଉପଜିଲାପାଳ ସରୋଜ କୁମାର ଦାଶ, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପ୍ରମୁଖ ମଞ୍ଚାସୀନ ହୋଇ ସଡକ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି

ରମ୍ଭା,୧୨।୨

ରମ୍ଭା ଭାଜପା ମଣ୍ଡଳ ଆନୁକୂଲ୍ୟରେ ଦୀନଦୟାଲ ଉପାଧ୍ୟାୟଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଦୀନଦୟାଲ ପ୍ରଥମେ ଜନସଂଘ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଯୋଗଦେଇ ଜନସେବାରେ ଓତପ୍ରୋତ ଭାବେ ଜଡିତ ଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଭାଜପା ଜିଲା ସମ୍ପାଦକ ଭୀମସେନ ବେହେରା, ମଣ୍ଡଳ ସଭାପତି ସୀମାଞ୍ଚଳ ବାଦଟିୟା, କୃଷକ ମୋର୍ଚ୍ଚାର ଲୋକନାଥ ଗୌଡ଼, ରମେଶ ସାହୁ, କେଦାର ବାରିକ, ଶିଲୁ ପଣ୍ଡା, ନାଗେଶ୍ୱର ବେହେରା, ଶିବ ବେହେରା, ବାପି ଜେନା, କେ.ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ନାଏବ ସରପଞ୍ଚଙ୍କ ସ୍ମୃତିସଭା

ଗଞ୍ଜାମ,୧୨।୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଖଗୁଆକୁଦା ଗ୍ରାମରେ ପୂର୍ବତନ ନାଏବ ସରପଞ୍ଚ ଦାମ ପ୍ରଧାନଙ୍କ ଦ୍ୱାଦଶରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ କୃଷି ବିପଣନ ବୋର୍ଡର ଉପଦେଷ୍ଟା ରାମଚାନ୍ଦ ପଣ୍ଡା, ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ରଘୁନାଥ ସାହୁ, ପୂର୍ବତନ ନଗରପାଳ ବୃନ୍ଦାବନ ପଲେଇ, ସମିତି ସଭ୍ୟ ଛାୟକାନ୍ତ ପ୍ରଧାନ, ଡାକ କର୍ମଚାରୀ ନେତା ଯୋଗେଶ ଚାନ୍ଦ ସାହୁ, ଗଞ୍ଜାମ ପ୍ରେସ୍‌କ୍ଲବ ସଭାପତି ଶବର ତରେଇ, ଭରସାର ସମ୍ପାଦକ ଦୁର୍ଗା ମାଧବ ପାଣିଗ୍ରାହୀ, ଖଗୁଆକୁଦା ଗ୍ରାମ୍ୟକମିଟି ସଭାପତି ବୃନ୍ଦାବନ ପ୍ରଧାନ, ଶିକ୍ଷକ ରଘୁନାଥ ସାହୁ ପ୍ରମୁଖ ସ୍ମୃତି ଚାରଣ କରିଥିଲେ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ


ସାବୁଲିଆ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ହିତାଧିକାରୀ।

ରମ୍ଭା/ଆସିକା, (ଡି.ଏନ୍.ଏ.) ୧୨।୨

ଖଲ୍ଲିକୋଟ ବ୍ଲକ ସାବୁଳିଆ ଗ୍ରାମ ପଞ୍ଚାୟତରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲୋକଙ୍କୁ ପଟ୍ଟା ବଣ୍ଟନ, ଦାଖଲ ଖାରଜ ମାମଲା, ବିବିଧ ପ୍ରମାଣପତ୍ର, ଗ୍ରାମକଣ୍ଠ, ଖଜଣା ଆଦାୟ, ବେଦୋବସ୍ତ ପଟ୍ଟା ପ୍ରଦାନ ସହ ବିଭିନ୍ନ ମକଦ୍ଦମାର ଫଇସଲା କରାଯାଇଥିଲା। ଏଥିରେ ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାଶ, ରାଜସ୍ୱ ପରିଦର୍ଶକ ତ୍ରିଲୋଚନ ବିଶ୍ୱାଳ, ରମ୍ଭା ରାଜସ୍ୱ ନିରୀକ୍ଷକ ସୁଧୀର କୁମାର ପାତ୍ର, ବଡ ବାବୁ ସଦାନନ୍ଦ ଶବର, ସାବୁଳିଆ ସରପଞ୍ଚ ସିଦ୍ଧାର୍ଥ ପଲେଇ ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

ସେହିପରି ଆସିକା ତହସିଲ ପକ୍ଷରୁ ବାବନପୁରସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ତହସିଲଦାର ସଦାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ତହସିଲରେ ପ୍ରଶିକ୍ଷଣରେ ଥିବା ଆଇଏଏସ୍ ଅଧିକାରୀ ଆଦିତ୍ୟ ଗୋଏଲ ମୁଖ୍ୟଅତିଥି ଓ ସରପଞ୍ଚ ପ୍ରତିନିଧି ଅନିଲ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉପବିଭାଗୀୟ ଅଧିକାରୀ ପ୍ରଶନ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଆସିକା ବ୍ଲକର ଆଳିପୁର ଓ ବାବନପୁର ପଞ୍ଚାୟତର ୭୫ ଜଣଙ୍କୁ ବିଭିନ୍ନ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ବିଚାର ଲାଗି ୭୦ ଅଭିଯୋଗ ଦାଖଲ ହୋଇଥିଲା।

# ଖେଳପଡ଼ିଆ ପରିଦର୍ଶନ କଲା ଓସିଏ କମିଟି

ପାରଳାଖେମୁଣ୍ଡି,୧୨।୨(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଶୁକ୍ରବାର ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ)ର ବୈଷୟିକ କମିଟି ପହଞ୍ଚି ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ ଖେଳ ପଡିଆ ପରିଦର୍ଶନ କରିଛନ୍ତି। ଏହାର ବ୍ୟବହାର ପାଇଁ ଓସିଏ ସହ ପୂର୍ବରୁ ଏକ ଚୁକ୍ତିନାମା ହୋଇଥିବା ବେଳେ ଟିମ୍ ଖେଳପଡିଆ ବୁଲି ଅନୁଧ୍ୟାନ କରିଛି। ଓସିଏର ବରିଷ୍ଠ ସଦସ୍ୟ ଧୀରେନ୍ ପଲେଇଙ୍କ ଅଧ୍ୟକ୍ଷତାରେ ଏହି ବୈଷୟିକ କମିଟି କ୍ରିକେଟର ଉନ୍ନତି ପାଇଁ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଖେଳ ପଡିଆର ଭିତ୍ତିଭୂମି କିପରି ଉନ୍ନତି କରାଯିବ ସମୀକ୍ଷା କରିଥିଲେ। ଗସ୍ତବେଳେ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର କ୍ରୀଡା ପରିଚାଳକ ରବି ରାଉତରାୟ, ବିଶ୍ୱ ବିଦ୍ୟାଳୟ ଉପ ନିର୍ଦ୍ଦେଶକ ଡ. ସନ୍ଦିପନ, କ୍ରୀଡା ପ୍ରଶିକ୍ଷକ ରାଜୁବାବୁ , ଗଜପତି ଜିଲା କ୍ରିକେଟ ଆସୋସିଏସନ ସମ୍ପାଦକ ଦେବାଶିଷ ପାଢୀ ଉପସ୍ଥିତ ଥିଲେ। କମିଟି ଅଧ୍ୟକ୍ଷ ପଲେଇ କହିଛନ୍ତି, ଏଠାରେ ଟ୍ରଫିକେଟ୍ ପ୍ରସ୍ତୁତ କରାଯିବା ସହ ଅନ୍ୟ ଭିତ୍ତିଭୂମି ସୁଧାରିବା ପ୍ରତି ଦୃଷ୍ଟି ଦିଆଯିବ।

# ପି.ରାମଚନ୍ଦ୍ରପୁରରେ ମମତା ସରପଞ୍ଚ ନିର୍ବାଚିତ

**ଫଳାଫଳ ଘୋଷଣାରେ ବିଳମ୍ବକୁ ନେଇ ଉତ୍ତେଜନା**

ଦିଗପହଣ୍ଡି,୧୨।୨(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ପି.ରାମଚନ୍ଦ୍ରପୁର ସରପଞ୍ଚ ଉପନିର୍ବାଚନରେ କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ମମତା ତ୍ରିପାଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ି ସମର୍ଥିତ ପ୍ରାର୍ଥୀନୀ ଏନ୍.ପୁଷ୍ପା ରେଡ୍ଡୀଙ୍କୁ ୩୯ ଭୋଟରେ ପରାଜିତ କରିଛନ୍ତି। ସାନଖେମୁଣ୍ଡି ବିଡ଼ିଓ ଗାୟତ୍ରୀ ଦତ୍ତ ନାୟକ, ତହସିଲଦାର ଡ଼.ଶ୍ରୀନିବାସ ବେହେରା, ପାଟପୁର ଥାନା ଆଇଆଇସି ଅଜୟ ବାରିକ ଓ ପ୍ରାର୍ଥୀଙ୍କ ଏଜେଣ୍ଟ ମାନଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇଥିଲା। ଭୋଟ ଗଣତି ପରେ ଫଳାଫଳ ଘୋଷଣାରେ ବିଳମ୍ବ କରାଯାଉଥିବା ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଜିଲା ଯୁବ କଂଗ୍ରେସ ସଭାପତି ଚିନ୍ମୟ ହୋତା, ସାନଖେମୁଣ୍ଡି କଂଗ୍ରେସ କାର୍ଯ୍ୟକର୍ତ୍ତା ଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ କଂଗ୍ରେସ ସମର୍ଥକ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶେଷରେ ବିଡିଓ ବିଜୟୀ ପ୍ରାର୍ଥୀନୀଙ୍କୁ ଭିକଟରି ସାର୍ଟିଫିକେଟ ପ୍ରଦାନ କରିବାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

### ବି.ଡୁରୁବୁଡି ୱାର୍ଡସଭ୍ୟ ଘୋଷଣା

ଦିଗପହଣ୍ଡି ବ୍ଲକ ବି.ଡୁରୁବୁଡି ପଞ୍ଚାୟତ ଝରିପଦର ଗ୍ରାମର ୧୧ ଓ ୧୨ ନଂ ୱାର୍ଡ ସଭ୍ୟ ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ୧୧ନଂ ୱାର୍ଡ ସଭ୍ୟ ଭାବେ ଜି. ପୂର୍ଣ୍ଣଚନ୍ଦ୍ର ରେଡ୍ଡୀ ଓ ୧୨ନଂ ୱାର୍ଡରେ ସହଦେବ ଗୌଡ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ୪ ୱାର୍ଡସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ବିଡ଼ିଓ ହଳଧର ଶବର ଜଣାଇଛନ୍ତି।

### ବାସନ୍ତୀ ସରପଞ୍ଚ ନିର୍ବାଚିତ

ଗୋପାଳପୁର,୧୨।୨

ରଙ୍ଗେଇଲୁଣ୍ଡା ବ୍ଲକ ବିଶ୍ୱନାଥପୁର ସରପଞ୍ଚ ପଦବୀ ପାଇଁ ଶୁକ୍ରବାର ଫଳାଫଳ ଘୋଷଣା ହୋଇଛି। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥିନୀ ବାସନ୍ତୀ ଦାସ ବିଜୟୀ ହୋଇଛନ୍ତି। ୧୧ଟି ଗ୍ରାମର ମୋଟ ୫ ହଜାର ୬୧୨ ଭୋଟର ଥିବା ବେଳେ ଗୁରୁବାର ୩ ହଜାର ୧୬୦ଜଣ ମତଦାନ କରିଥିଲେ। ସେଥିରେ ବାସନ୍ତୀ ୨୧୦୬ ଭୋଟ ପାଇ ବିଜୟୀ ହୋଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ସିଏଚ ଉଷାରାଣୀ, ଉପାଧ୍ୟକ୍ଷ ଅଜିତ କୁମାର ଦାସ, ଜିଲା ପରିଷଦ ସଭ୍ୟ ଶଶୀଭୂଷଣ ମହାନ୍ତି, ହଳଦିଆପଦର ସରପଞ୍ଚ ରାଜେଶ୍ୱରୀ ଦୋରା, ବିଷ୍ଣୁପ୍ରିୟା ନାୟକ, ପୂର୍ବତନ ଜିଲା ପରିଷଦ ଦିଲେଶ୍ୱର ରେଡ୍ଡୀ, ବରିଷ୍ଠ ବିଜେଡି ନେତା ବାଇରୀ ପାତ୍ର, ଦଣ୍ଡପାଣି ପାଣିଗ୍ରାହୀ, ଡ଼ି.ଚିନ୍ତାମଣି, ଡ଼ି ଶୋଭାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# କୁଜାସିଂ ସରପଞ୍ଚ ଉପନିର୍ବାଚନ, ଯବାନ ବିଜୟୀ


ବିଜୟୀ ପ୍ରାର୍ଥୀଙ୍କ ଶୋଭାଯାତ୍ରା।

ଗୁମ୍ମା,୧୨।୨

ଗଜପତି ଜିଲା ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତରେ ଗତ ଗୁରୁବାର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ହେଇଥିଲା। ଶୁକ୍ରବାର ଗୁମ୍ମା ବ୍ଲକଠାରେ ବିଧିବଦ୍ଧ ଭାବେ ଭୋଟ ଗଣନା କରାଯାଇଛି। ମୋଟ ଭୋଟର ୨୭୧୪ ମଧ୍ୟରୁ ଯବାନ ଭୂୟାଁ ସର୍ବାଧିକ ୧୪୯୯ ଭୋଟ ପାଇଥିଲେ। ଅନ୍ୟମାନଙ୍କଠାରୁ ୬୭୧ଟି ଭୋଟରେ ସରପଞ୍ଚ ପାର୍ଥି ଭାବେ ଯବାନ ବିଜୟୀ ହୋଇଛନ୍ତି। ବିଜେଡିର ଜିଲା ସଭାପତି ପ୍ରଦୀପ କୁମାର ନାୟକ, ଏମ୍‌ପି ପ୍ରତିନିଧି ବିମଳ କୁମାର ଦଳାଇ, ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ, ପୋଲବ ଲିମ୍ମା, ଏନିୟସ ଶବର ଓ ଶତାଧିକ ବିଜେଡି କର୍ମୀ ପ୍ରମୁଖ ବିଜୟୀ ପାର୍ଥିଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଏକ ବିରାଟ ଶୋଭାଯାତ୍ରାରେ କୁତାମଠାରୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ଯାଇଥିଲେ।

### ସଡ଼କ ସୁରକ୍ଷା ସଚେତନତା

ଜି.ଉଦୟଗିରି,୧୨।୨(ଡି.ଏନ.ଏ.)

ଜି.ଉଦୟଗିରି ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗ ଫୁଲବାଣୀ ତରଫରୁ ଏକ ସଚେତନତା ରାଲି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ବିଭିନ୍ନ ସଚେତନତା ବାର୍ତ୍ତା ଥିବା ଲଫିଲେଟ ବାଣ୍ଟି ଲୋକଙ୍କୁ ସଡ଼କ ସୁରକ୍ଷା ସଚେତନତା କରାଯାଇଛି। ଥାନାଧିକାରୀ ନରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ କଳିଙ୍ଗ ମହାବିଦ୍ୟାଳୟ ଏନସିସି କ୍ୟାଡେଟମାନଙ୍କ ସହିତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥଲେ। ହେଲମେଟ ବ୍ୟବହାର, ନିଶା ସେବନ କରି ଗାଡି ନ ଚଳାଇବା, ଟ୍ରାଫିକ ନିୟମ ମାନିବା, ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ମେଡିକାଲ ନେଲେ ନେବା ଲୋକଙ୍କୁ ୨୦୦୦ ଟଙ୍କା ପୁରସ୍କାର ସହିତ ଜିଲା, ରାଜ୍ୟ ସ୍ତରରେ ସମ୍ମାନିତ କରିବା ନେଇ ସଚେତନ କରାଯାଇଛି।

# କିନ୍ନରଙ୍କୁ ମିଳିଲା ସ୍ୱତନ୍ତ୍ର ପରିଚୟ ପତ୍ର

ଫୁଲବାଣୀ ଅଫିସ,୧୨।୨

କନ୍ଧମାଳ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା ୨୯ଜଣ କିନ୍ନରଙ୍କୁ ମଧ୍ୟରୁ ୮ ଜଣଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯାଇଛି। କିନ୍ନର ଅଧିନିୟମ ୨୦୧୯ ଅନୁଯାୟୀ କିନ୍ନରମାନେ ତାଙ୍କ ପ୍ରଥମ ଓ ଶେଷନାମ ପରିବର୍ତ୍ତନ କରି ପାରିବେ। ଏହି ଆଧାରରେ ବୁଧବାର କନ୍ଧମାଳ ଜିଲାପାଳ ଡା. ବୃନ୍ଦା ଡି ୮ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହା କିନ୍ନରମାନଙ୍କୁ ସରକାରୀ ସୁବିଧା ଓ ସୁଯୋଗ ପ୍ରଦାନରେ ସହାୟକ ହେବ। ପରିଚୟପତ୍ର ପାଇ ସେମାନଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଥିବାରୁ ପାୟଲ, ଜିନା, ଐସା, ସୁନିତା ପ୍ରମୁଖ ଖୁସି ବ୍ୟକ୍ତ କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ କିନ୍ନରମାନଙ୍କୁ ସଂଗଠିତ କରିବା, ସେମାନଙ୍କର ସ୍ୱୟଂ ସହାୟକ ଦଳ ଗଠନ କରିବା, ଆଗାମୀ ଦିନରେ ଧନ୍ଦା ମୂଳକ ପ୍ରଶିକ୍ଷଣ ପ୍ରଦାନ କରିବା ଆଦି କାର୍ଯ୍ୟକ୍ରମ ହାତକୁ ନେଇଛି।


ଜିଲାପାଳ ଜଣେ କିନ୍ନରଙ୍କୁ ପରିଚୟପତ୍ର ପ୍ରଦାନ କରୁଛନ୍ତି।

# କ୍ରୀଡ଼ା ବିଭାଗ ଦୃଷ୍ଟି ଆଢୁଆଳରେ ଶୁକଦେବ

**ରାଜ୍ୟ ଓ ଦେଶ ସ୍ତରରେ ଖେଳିବାକୁ ଇଚ୍ଛା**

ଖଜୁରିପଡ଼ା/ବଲସକୁମ୍ପା, ୧୨।୨(ଡି.ଏନ୍.ଏ.)

ବଣର ମଲ୍ଲି ବଣରେ ଫୁଟି ମଉଳି ଯିବାକୁ ବସିଲାଣି। ମାତ୍ର ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଏହି ଉକ୍ତି ଏବେ ସତ ହେବାକୁ ଯାଉଛି କନ୍ଧମାଳ ଜିଲା ପାହାଡ ଜଙ୍ଗଲ ଘେରା ଖଜୁରିପଡା ବ୍ଲକ ପିରିକୁଡି ପଞ୍ଚାୟତରେ। ପଞ୍ଚାୟତର ରାଗାପଦର ଗାଁର ମାରାଥନ ଖେଳାଳି ଶୁକଦେବ ଭୋଇ (୨୨)। ବାପା ଚନ୍ଦ୍ରମଣି ଜଣେ କ୍ଷୁଦ୍ର ଚାଷୀ। ଏହା ସହ ମୂଲମଜୁରି ଲାଗି ଯାହା ରୋଜଗାର କରନ୍ତି ସେଥିରେ ବହୁ କଷ୍ଟରେ ପରିବାର ଚଳେ। ମାତ୍ର ଶୁକଦେବଙ୍କର କିନ୍ତୁ ରହିଛି ମାରାଥନ୍ ଦୌଡ ପ୍ରତି ନିଶା। ପ୍ରତିଦିନ ସକାଳେ ସନ୍ଧ୍ୟାରେ ଅଣ୍ଟାରେ ତିନୋଟି ଗାଡ଼ି ଟାୟାର ବାନ୍ଧି ଦୌଡ଼ିବା ଅଭ୍ୟାସ କରନ୍ତି। ସ୍କୁଲଠାରୁ ଆରମ୍ଭ କରି ବ୍ଲକ, ଜିଲା ସ୍ତରରେ ଦୌଡି ପ୍ରଥମ ହୋଇଥିବାବେଳେ ସାର୍ଟିଫିକେଟ ଓ ମେଡାଲ ପାଇଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମାରାଥନ୍ ଦୌଡ଼ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ହୋଇଥିଲେ। ଏହା ସତ୍ତ୍ୱେ ମଧ୍ୟ ମୋତେ ସୁଯୋଗ ମିଳୁନାହିଁ ବୋଲି କୋହଭରା କଣ୍ଠରେ କହିଥିଲେ ଶୁକଦେବ। ଏ ନେଇ ଜିଲା କ୍ରୀଡା ବିଭାଗ ଅଧିକାରୀ ଜିତେନ୍ଦ୍ର ମହାକୁଡ଼ଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ସମ୍ବନ୍ଧରେ ଆମେ ଅବଗତ ନ ଥିଲୁ, ଯଦି ଏତେ ଭଲ ଖେଳାଳି ରହିଯାଇଛନ୍ତି ତେବେ ମାର୍ଚ୍ଚ-ଏପ୍ରିଲ୍‌ରେ ହେବାକୁ ଥିବା ଜିଲାସ୍ତରୀୟ ଦୌଡ ପ୍ରତିଯୋଗିତାରେ ତାଙ୍କୁ ସୁଯୋଗ ଦେବୁ। ଯଦି ଭଲ ଖେଳିବେ ନିଶ୍ଚିତ ରାଜ୍ୟ ଓ ଦେଶସ୍ତରରେ ଖେଳିବେ।


ମାରାଥନ୍ ଖେଳାଳି ଶୁକଦେବ।

